ଅନୁଗୁଳ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଏକ "Knowledge Management Workshop" ଅନୁଷ୍ଠିତ ହୋଇଯାଇଛି ।
ଏଥିରେ ଅନୁଗୋଳ ଜିଲ୍ଲାର ସମସ୍ତ ବ୍ଲକ BDO, AEE, AE ଏବଂ JEମାନେ ଅଂଶଗ୍ରହଣ କରିଥିଲେ । ବର୍ତ୍ତମାନ ସମୟରେ ପଂଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ତରଫରୁ ବ୍ୟାପକ ଉନ୍ନୟନ ମୂଳକ କାର୍ଯ୍ୟ ଯଥା MGNREGS, କଂକ୍ରିଟ ରାସ୍ତା , ଗୃହ ନିର୍ମାଣ, ପୋଖରୀ ଖନନ, ଗ୍ରାମୀଣ ରାସ୍ତା ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି .ଏହି କାର୍ଯ୍ୟକ୍ରମ ଗୁଡ଼ିକର ସଫଳ ଉନ୍ନୟନ ପାଇଁ ଏହା ସହିତ ସମସ୍ତ ଜଡିତ କର୍ମଚାରୀଙ୍କର ଉନ୍ନତ ଜ୍ଞାନ କୌଶଳର ଆବଶ୍ୟକତା ରହିଛି । ସେଥିପାଇଁ ଅନୁଗୁଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରକଳ୍ପ ଗୁଡିକର (Design & Drawing) ରୂପାୟନ, ନକ୍ସା, DPR, Estimate, ପୂର୍ଣ୍ଣ ପ୍ରକଳ୍ପ ବିବରଣୀ ଓ ପ୍ରାକଳନ ପ୍ରସ୍ତୁତି ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗୀତା ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବେ ଇଂ. ଲିଙ୍ଗରାଜ ଗୌଡ଼, ସର୍ବୋଚ୍ଚ ଯନ୍ତ୍ରୀ, ଜଳସମ୍ପଦ ବିଭାଗ, ଇଂ. ସନ୍ତୋଷ କୁମାର ମାଝୀ, ପୂର୍ତ୍ତବିଭାଗ, ଅନୁଗୁଳ, Survey team of NBAC ପ୍ରଶିକ୍ଷଣ ଦେଇଥିଲେ ।ସର୍ବପ୍ରଥମେ ଜିଲ୍ଲାପାଳ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦଘାଟନ କରି ଏହି କାର୍ଯ୍ୟକ୍ରମର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲାପରିଷଦର କାର୍ଯ୍ୟନିର୍ବାହୀଶ୍ରୀ ଲଳିତ ମୋହନ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲାପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପଦ୍ମନାଭ ସାମନ୍ତରାୟ ଧନ୍ୟବାଦ ଅର୍ପଣ କଲେ ।








STORAGE OF MATERIALS